# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**11 April – 2026**

# ମହାନଦୀ ଜଳବିବାଦ

ମହାନଦୀ ଜଳବିବାଦ ପ୍ରାଧିକରଣ ଆଜି ଓଡ଼ିଶା-ଛତିଶଗଡ ମଧ୍ୟରେ ମହାନଦୀ ଜଳବିବାଦ ମାମଲାର ଶୁଣାଣି କରିବେ। ଓଡ଼ିଶା ସରକାରଙ୍କ ପକ୍ଷରୁ ଜଳବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲଠାରେ ଷ୍ଟାଟସ ନୋଟ୍ ଦାଖଲ କରିଛନ୍ତି । ଅନ୍ୟପକ୍ଷରେ ଆସନ୍ତା ସୋମବାର ୧୩ ତାରିଖ ଦିନ ମହାନଦୀ ଜଳବିବାଦ ପ୍ରାଧିକରଣଙ୍କ ସମୟସୀମା ଶେଷ ହେଉଛି । ଉଭୟ ଓଡ଼ିଶା ଓ ଛତିଶଗଡ ସରକାରଙ୍କ ପକ୍ଷରୁ ପ୍ରାଧିକରଣର ଅବଧି ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକରଙ୍କୁ ଅନୁରୋଧ କରାଯାଇଛି । ଦୁଇରାଜ୍ୟ ମଧ୍ୟରେ ମହାନଦୀ ଜଳବିବାଦର ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶ ଅନୁସାରେ କେନ୍ଦ୍ର ସରକାର ୨୦୧୮ ମସିହାରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଗଠନ କରିଥିଲେ ।

# ରତ୍ନଭଣ୍ଡାର-ଗଣତିମଣତି

ପୁରୀ ଶ୍ରୀମନ୍ଦିରର ଦ୍ୱିତୀୟ ପର୍ଯ୍ୟାୟ ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି କାର୍ଯ୍ୟ ଚତୁର୍ଥ ଦିବସରେ ଆଜି ଶେଷ ହେବାର ସମ୍ଭାବନା ରହିଛି । ଆସନ୍ତା ସୋମବାର ୧୩ ତାରିଖରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର

ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ଗତକାଲି ଦୀର୍ଘ ୭ଘଣ୍ଟା ୧୦ ମିନିଟ୍ ଧରି ବାହାର ରତ୍ନଭଣ୍ଡାର ଗଣତିମଣତି ଚାଲିଥିଲା ।

**V/O**

# ଏଲ୍‌ପିଜି ଗ୍ୟାସ୍ ଯୋଗାଣ

ରାଜ୍ୟରେ ଏଲ୍‌ପିଜି ଗ୍ୟାସ୍ ଯୋଗାଣ ସ୍ଥିତି ସ୍ୱାଭାବିକ ରହିଛି ବୋଲି ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି । ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କଳାବଜାରୀ ରୋକିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ବିଭିନ୍ନ ଜିଲ୍ଲାରେ ଯୋଗାଣ ବିଭାଗ ଅଧିକାରୀମାନେ ଟିମ୍ ଗଠନ କରି ଯାଞ୍ଚ କରୁଛନ୍ତି । ବର୍ତ୍ତମାନସୁଦ୍ଧା ରାଜ୍ୟରେ ୨ହଜାର ୧୩୬ଟି ସ୍ଥାନରେ ଯାଞ୍ଚ କରାଯାଇଛି । ଏଥିସହିତ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ଅନୁଯାୟୀ ବିଭିନ୍ନ ଜିଲ୍ଲାପାଳଙ୍କ କୋର୍ଟରେ ୩୬୦ଟି ମାମଲା ରୁଜୁ କରାଯିବା ସହ ୩୧ଟି ଏଫ୍‌ଆଇଆର୍ ଦାଖଲ କରାଯାଇଛି ।

# ଅମୃତପିଢ଼ୀ ସାରସ୍ୱତ ସମାରୋହ

ଓଡ଼ିଆ ପକ୍ଷ ପାଳନର ଏକାଦଶ ଦିବସରେ ଆଜି ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ରାଜ୍ୟସ୍ତରୀୟ ଅମୃତପିଢ଼ୀ ସାରସ୍ୱତ ସମାରୋହ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ସମ୍ବନ୍ଧୀୟ ଆଲୋଚନାଚକ୍ରର ଆୟୋଜନ ହେବା ସହ

ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବ । ଭୁବନେଶ୍ୱରସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ପୂର୍ବାହ୍ନ ୧୦ଟା ସମୟରେ ପ୍ରତିଯୋଗିତା ଆୟୋଜନ କରାଯାଉଛି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଜୋନ୍‌ସ୍ତରରେ କୃତୀ ଯୁବକ ଲେଖକ, ଲେଖିକା ମାନଙ୍କୁ ନେଇ ସୃଜନଶୀଳତାର ଶୁଭସ୍ତମ୍ଭ ସ୍ଥାପନ କରାଯିବା ସହ କର୍ମଶାଳା ହେବ ।

## ଗଭୀର ନଳକୂପ

ନୂଆପଡା ଜିଲ୍ଲାରେ ବିଗତ ୯ ମାସ ମଧ୍ୟରେ ୧ହଜାରଟି ସୌରଚାଳିତ ଗଭୀର ନଳକୂପ କାର୍ଯ୍ୟକ୍ଷମ କରାଯାଇ ୫ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି ବୋଲି ଜିଲ୍ଲାପାଳ ମଧୁସୂଦନ ଦାସ କହିଛନ୍ତି । ସର୍ବାଧିକ ୪୬୭ଟି ଗଭୀର ନଳକୂପ କୋମନା ବ୍ଲକରେ ଖୋଳାଯାଇ ଚାଷୀମାନଙ୍କର ଆର୍ଥିକ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି । ଜିଲ୍ଲାରେ ଆଉ ୩୦୫ଟି ନଳକୂପ ଖୋଳାଯିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଜନଶୁଣାଣି ଶିବିର

ଭଦ୍ରକ ଜିଲ୍ଲା ତିହିଡି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଭିବିଜି ରାମ୍‌ଜୀ ଯୋଜନା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ

ବିଭାଗୀୟ ଅଧିକାରୀମାନେ ଯୋଗଦେଇ କର୍ମନିଯୁକ୍ତି ଯୋଜନାରେ ଜିଲ୍ଲାରେ ଚାଲିଥିବା କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିଥିଲେ । ଜାରି ରହିଥିବା କେତେକ କାମ ଗୁଡ଼ିକର ସାମାନ୍ୟ ପରିବର୍ତ୍ତନ କରାଯାଇ ଠିକ୍ ସମୟରେ କାର୍ଯ୍ୟ ଶେଷ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା ।

# ଜାତୀୟ ନିରାପଦ ମାତୃତ୍ୱ ଦିବସ

ଗର୍ଭାବସ୍ଥା, ସନ୍ତାନଜନ୍ମ ଏବଂ ତା'ର ପରବର୍ତ୍ତୀ ସମୟରେ ମହିଳାଙ୍କୁ ସମସ୍ତ ସୁବିଧା ଓ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଆଜି ଦେଶରେ ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳନ କରାଯାଉଛି। ହ୍ୱାଇଟ୍ ରିବନ୍ ଆଲାଏନ୍ସର ଅନୁରୋଧ କ୍ରମେ ୨୦୦୩ ମସିହାରୁ କସ୍ତୁରବା ଗାନ୍ଧୀଙ୍କ ଜୟନ୍ତୀକୁ ଜାତୀୟ ମାତୃତ୍ୱ ଦିବସ ପାଳନ କରିବା ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ । ଭାରତର ବିଶ୍ୱର ପ୍ରଥମ ରାଷ୍ଟ୍ର ଯେଉଁଠାରେ ଜାତୀୟ ନିରାପଦ ମାତୃତ୍ୱ ଦିବସ ସରକାରୀଭାବେ ଘୋଷଣା କରାଯାଇଛି । ଗର୍ଭାବସ୍ଥା ଓ ମାତୃତ୍ୱ ଲାଭ କରିଥିବା ପ୍ରତ୍ୟେକ ମହିଳାଙ୍କର ବଂଚିବା ଅଧିକାର ସମ୍ପର୍କୀତ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସ ପାଳନ କରାଯାଇଛି ।

# ରଗ୍‌ବୀ ଚାମ୍ପିୟନସିପ୍

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଅଣସ୍ତରୀତମ ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚମ୍ପିଆନ୍‌ସିପ ୨୦୨୫-୨୬ର ୧୪ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗରେ ଓଡ଼ିଶା ବିଜୟୀ ହୋଇଛି । ଏହି

ବର୍ଗରେ ବିହାର ରନର୍ସଅପ୍ ଏବଂ ମହାରାଷ୍ଟ୍ର ତୃତୀୟସ୍ଥାନ ଅଧିକାର କରିଛି । ୫ଦିନ ଧରି ଚାଲିଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାର ଗତକାଲି ଉଦ୍‌ଯାପନୀ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିବା ସହ ଯୁବଖେଳାଳିମାନଙ୍କ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା କରିଥିଲେ ।

# ପାଣିପାଗ

ରାଜ୍ୟରେ କାଳବୈଶାଖୀର ପ୍ରଭାବ କମ୍‌ଥିବା ଯୋଗୁଁ ତାପମାତ୍ରା ବୃଦ୍ଧି ପାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ସୋମବାର ଦିନଠାରୁ ତାପମାତ୍ରା ପ୍ରାୟ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ବଲାଙ୍ଗୀର, ଝାରସୁଗୁଡା ଓ ଟିଟିଲାଗଡର ତାପମାତ୍ରା ଆଜି ୪୦ଡିଗ୍ରୀରୁ ଅଧିକ ରହିବ ବୋଲି ଅନୁମାନ କରାଯାଇଛି । ଗରମ ଓ ଗୁଳଗୁଳି ପାଇଁ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।